# NATIONAL NEWS BULLETIN (ODIA)
## 05th October - 2023
## Morning Bulletin : 7.15 a.m.

*********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ଚନ୍ଦନ ଘୋଷ**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ରାଜସ୍ଥାନ ଗସ୍ତ କରି ବିଭିନ୍ନ କଲ୍ୟାଣକାରୀ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଓ ଲୋକାର୍ପଣ କରିବେ ।

- ଭାରତ ଅର୍ଥନୈତିକ ଏବଂ ସାମାଜିକ ବିକାଶ କ୍ଷେତ୍ରରେ ଏକ ନୂତନ ଶିଖର ସ୍ପର୍ଶ କରିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି ।

- ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତୀୟ ନୌସେନାଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ସ୍ୱାବଲମ୍ବନ-୨.୦ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି ।

- ଚୀନ୍‌ରେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ପଦକ ସଂଖ୍ୟା ୮୦କୁ ବୃଦ୍ଧି; ଭାରତୀୟ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ ।

ଏବଂ

- ଆଇ.ସି.ସି. ପୁରୁଷ ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ- ୨୦୨୩ ଆଜିଠାରୁ ଆରମ୍ଭ ହେଉଛି ।

# ପି.ଏମ୍. - ରାଜସ୍ଥାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜସ୍ଥାନର ଯୋଧପୁର ଗସ୍ତ କରିବେ । ସେଠାରେ ସେ ୫ ହଜାର କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି । ସେହି ପ୍ରକଳ୍ପଗୁଡ଼ିକ ସଡ଼କ, ରେଳ, ବିମାନ ଚଳାଚଳ, ସ୍ୱାସ୍ଥ୍ୟ ଓ ଉଚ୍ଚଶିକ୍ଷା କ୍ଷେତ୍ରରୁ ରହିଛି ।

ରାଜସ୍ଥାନର ସ୍ୱାସ୍ଥ୍ୟ ମୌଳିକ ଢାଞ୍ଚାର ବିକାଶ ପାଇଁ ସେ ଅନେକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ସେଗୁଡ଼ିକ ମଧ୍ୟରେ ଯୋଧପୁର AIIMS ଠାରେ ୩୫୦ ଶଯ୍ୟା ବିଶିଷ୍ଟ ଟ୍ରମା ସେଣ୍ଟର ଓ କ୍ରିଟିକାଲ କେୟାର ହସ୍ପିଟାଲ ବ୍ଲକ ରହିଛି । ଏହା ବ୍ୟତୀତ ୭ଟି କ୍ରିଟିକାଲ କେୟାର ହସ୍ପିଟାଲ ବ୍ଲକ ମଧ୍ୟ ରହିଛି । ସେଗୁଡ଼ିକ ପ୍ରଧାନମନ୍ତ୍ରୀ– ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ମୌଳିକଢାଞ୍ଚା ମିଶନ ଅଧୀନରେ ନିର୍ମିତ ହେବ । ଯୋଧପୁର ଠାରେ ଟ୍ରମା,

ଏମର୍ଜେନ୍ସି ଓ କ୍ରିଟିକାଲ କେୟାର ସେଣ୍ଟର ୩୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବ।

ଶ୍ରୀ ମୋଦୀ ଯୋଧପୁର ବିମାନ ବନ୍ଦରଠାରେ ନୂଆ ଟର୍ମିନାଲ ବିଲ୍‌ଡିଙ୍ଗ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ତାହାର ନିର୍ମାଣ ପାଇଁ ୪୮୦ କୋଟି ଟଙ୍କା ଖର୍ଚ୍ଚ ହେବ। ସେହି ନୂଆ ଟର୍ମିନାଲ ୨୪ ହଜାର ବର୍ଗମିଟର ଅଞ୍ଚଳରେ ସ୍ଥାପନ କରାଯିବ ଓ ଭିଡ଼ ସମୟରେ ଅଢ଼େଇ ହଜାର ଯାତ୍ରୀଙ୍କୁ ସେବା ଯୋଗାଇବ। ବାର୍ଷିକ ସେଠାରେ ୩୫ ଲକ୍ଷ ବିମାନ ଯାତ୍ରୀ ସେବା ପାଇପାରିବେ।

ପ୍ରଧାନମନ୍ତ୍ରୀ IIT ଯୋଧପୁରକୁ ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବେ। ତାହାର ନିର୍ମାଣ ପାଇଁ ୧ ହଜାର ୧୩୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

ରାଜସ୍ଥାନ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଠାରେ ମୌଳିକଢାଞ୍ଚା ର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ସେଣ୍ଟ୍ରାଲ ଇନଷ୍ଟ୍ରୁମେସନ୍ ଲାବୋରେଟରୀ, ଷ୍ଟାଫ୍ କ୍ୱାର୍ଟର ଓ ଯୋଗ ଏବଂ କ୍ରୀଡ଼ା, ବିଜ୍ଞାନ, ବିଲ୍‌ଡିଙ୍ଗ୍ କୁ ଉତ୍ସର୍ଗ କରିବେ। ସେ ସେଣ୍ଟ୍ରାଲ ଲାଇବ୍ରେରୀ ର ଭିତ୍ତିପ୍ରସ୍ତର ସ୍ଥାପନ କରିବେ।

ରାଜସ୍ଥାନରେ ସଡ଼କ ମୌଳିକଢାଞ୍ଚା ର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବେ। ସେଗୁଡ଼ିକ ମଧ୍ୟରେ 125-A ଜାତୀୟ ରାଜପଥରେ ଯୋଧପୁର ରିଙ୍ଗ୍ ରୋଡ୍ ର କରୱାର-ଡାଙ୍ଗିଆୱାସ ସେକସନ୍ ଅନ୍ତର୍ଭୁକ୍ତ।  ଏହି ସେକସନ୍‌କୁ ୪ ଲେନ୍ ବିଶିଷ୍ଟ କରାଯିବ।

ପ୍ରଧାନମନ୍ତ୍ରୀ ରାଜସ୍ଥାନରେ ଦୁଇଟି ନୂଆ ଟ୍ରେନ୍‌ର ଶୁଭାରମ୍ଭ କରିବେ। ସେଗୁଡ଼ିକ ହେଲା’ ରୁନିଚା ଏକ୍ସପ୍ରେସ୍ ଓ ମାରଓ୍ୱାଡ଼ ଜଙ୍କସନ୍–ଖାମ୍ବଲିଘାଟ ହେରିଟେଜ୍ ଟ୍ରେନ୍।

ଏହାଛଡ଼ା ପ୍ରଧାନମନ୍ତ୍ରୀ ଆଉ ଦୁଇଟି ରେଳ ପ୍ରକଳ୍ପକୁ ମଧ୍ୟ ଆଜି ଦେଶ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟକ୍ରମ ରହିଛି । ସେଗୁଡ଼ିକ ହେଲା - ୧୪୫ କିଲୋମିଟର ଦୀର୍ଘ ଦିଗାନା-ରାଇ କା ବାଗ୍ ରେଳଲାଇନ୍ ଏବଂ ୫୮ କିଲୋମିଟର ଦୀର୍ଘ ଦିଗାନା-କୁଚମନ୍ ସିଟି ।

## ପ୍ରେଜ୍ - ସି.ଏସ୍.

ଭାରତ ଅର୍ଥନୈତିକ ଏବଂ ସାମାଜିକ ବିକାଶ କ୍ଷେତ୍ରରେ ଏକ ନୂତନ ଶିଖର ସ୍ପର୍ଶ କରିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମତବ୍ୟକ୍ତ କରିଛନ୍ତି । ଗତକାଲି ନୂଆଦିଲ୍ଲୀରେ ଅନୁଷ୍ଠିତ ଭାରତର କମ୍ପାନୀ ସେକ୍ରେଟାରୀ ପ୍ରତିଷ୍ଠାନର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସମାରୋହରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି । ଶ୍ରୀମତୀ ମୁର୍ମୁ କହିଛନ୍ତି, ଭାରତ ବର୍ତ୍ତମାନ ବିଶ୍ୱରେ ଏକ ଅଗ୍ରଣୀ ଦେଶ ହେବା ଦିଗରେ ଅଗ୍ରସର ହେଉଛି । ଏଭଳି ପରିସ୍ଥିତିରେ ଭାରତୀୟ ପେସାଦାରମାନେ କେବଳ ଶିକ୍ଷିତ ଏବଂ ଅଭିଜ୍ଞ ନୁହେଁ, ବରଂ ସାହସୀ ଏବଂ ସୃଜନଶୀଳ ହେବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଭାରତର କର୍ପୋରେଟ୍ ସୁଶାସନର ଭବିଷ୍ୟତ୍ କମ୍ପାନୀ ସେକ୍ରେଟାରୀମାନଙ୍କର

ଇଚ୍ଛାଶକ୍ତି ଏବଂ କାର୍ଯ୍ୟଧାରା ଉପରେ ନିର୍ଭର କରେ ବୋଲି ଶ୍ରୀମତୀ ମୁର୍ମୁ କହିଛନ୍ତି । ରାଷ୍ଟ୍ରପତି କହିଛନ୍ତି, ଭାରତକୁ ଏକ ଉତ୍ତମ କର୍ପୋରେଟ୍ ସୁଶାସନ ସହିତ ଉତ୍ତମ ସୁଶାସନ କ୍ଷେତ୍ରରେ ଆଦର୍ଶ ରୂପେ ଗଢ଼ିତୋଳିବା ଦିଗରେ କମ୍ପାନୀ ସେକ୍ରେଟାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କମ୍ପାନୀ ସେକ୍ରେଟାରୀମାନେ ମନେରଖିବା ଉଚିତ, ସେମାନେ ଏକ ପେସାଦାର ଅଧିକାରୀ ଭାବେ କେବଳ ଏକ ନିର୍ଦ୍ଦିଷ୍ଟ କମ୍ପାନୀ ଲାଗି ଆଇନଗତ କାର୍ଯ୍ୟ ନ କରି ଦେଶର ବିକାଶ ଯାତ୍ରାରେ ପଛରେ ରହିଯାଉଥିବା ପ୍ରତ୍ୟେକ ନାଗରିକଙ୍କ ଲାଗି ମଧ୍ୟ ସେମାନଙ୍କର କର୍ତ୍ତବ୍ୟ ରହିଛି ବୋଲି ରାଷ୍ଟ୍ରପତି କହିଛନ୍ତି ।

ଏହି ସମାରୋହରେ ଉଦ୍‌ବୋଧନ ଦେଇ କେନ୍ଦ୍ର ଅର୍ଥ ତଥା କର୍ପୋରେଟ୍ ବ୍ୟାପାର ମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି, ଦେଶରେ ଉତ୍ତମ କର୍ପୋରେଟ୍ ସୁଶାସନ ଆଣିବା ଦିଗରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର ଅନେକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି । ସେହିଭଳି ଦେଶରେ ବ୍ୟବସାୟ କାରବାର ସରଳ କରିବା ଉଦ୍ଦେଶ୍ୟରେ ସରକାର ପ୍ରାୟ ୧୫ ଶହ ପୁରୁଣା ଆଇନକୁ ଉଚ୍ଛେଦ କରିବା ସହ ବହୁବିଧ ପଦକ୍ଷେପ ଗ୍ରହଣ କରିଛନ୍ତି । ଶ୍ରୀମତୀ ସୀତାରମଣ କହିଛନ୍ତି, ଗତ ତିନୋଟି ଆର୍ଥିକ ବର୍ଷରେ ୨୩୦ ବିଲିୟନ୍ ଆମେରିକୀୟ ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ ଆକାରରେ ଭାରତକୁ ଆସିଛି । ବର୍ତ୍ତମାନ ଭାରତର ଅଭିବୃଦ୍ଧି ଦ୍ୱିତୀୟ ବର୍ଗ ଓ ତୃତୀୟ ବର୍ଗ ସହର ଆଡ଼କୁ ମୁହାଁଇଛି ବୋଲି ସେ କହିଛନ୍ତି । ଦେଶର ସେନାବାହିନୀ, ଅର୍ଦ୍ଧସାମରିକ ବାହିନୀ ଏବଂ ସେମାନଙ୍କର ସନ୍ତାନସନ୍ତତିଙ୍କ ସମେତ ଅଗ୍ନିବୀର

ଏବଂ ଶହୀଦ୍‌ଙ୍କ ପରିବାର ପ୍ରତି ଭାରତର କମ୍ପାନୀ ସେକ୍ରେଟାରୀ ପ୍ରତିଷ୍ଠାନର ଆର୍ଥିକ ସହାୟତା ପ୍ରଦାନ ପଦକ୍ଷେପକୁ ଅର୍ଥମନ୍ତ୍ରୀ ପ୍ରଶଂସା କରିଛନ୍ତି ।

## ରାଜନାଥ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଭାରତୀୟ ନୌସେନାଦ୍ୱାରା ସ୍ୱଦେଶୀ ଜ୍ଞାନକୌଶଳରେ ପ୍ରସ୍ତୁତ ସ୍ୱାବଲମ୍ବନ-୨.୦ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ନୂଆଦିଲ୍ଲୀରେ ଆୟୋଜିତ ଏକ ର୍ମଶାଳାରେ ଉଦ୍‌ବୋଧନ ଦେଇ ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି, କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ସରକାର କ୍ଷମତାକୁ ଆସିବା ପରଠାରୁ ଆତ୍ମନିର୍ଭର ହେବା ଉପରେ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି । ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭର କରିବା ଲାଗି ସରକାର ସମସ୍ତ ପଦକ୍ଷେପ ନେଉଛନ୍ତି । ସରକାରଙ୍କର ଆବଶ୍ୟକ ନୀତି ପ୍ରଣୟନ ଲାଗି ପ୍ରତିରକ୍ଷା ଗବେଷଣା ଓ ବିକାଶ ଦିଗରେ ବର୍ତ୍ତମାନ ଭାରତ ମିଶନ୍ ମୋଡ୍‌ରେ  ଅଗ୍ରସର ହେଉଛି ବୋଲି ଶ୍ରୀ ସିଂହ କହିଛନ୍ତି ।

## ମୁମ୍ବାଇ-ଆର୍.ବି.ଆଇ.-ଏମ୍.ପି.ସି.

ରିଜର୍ଭ ବ୍ୟାଙ୍କ ମୁଦ୍ରାନୀତି କମିଟିର ଦ୍ୱିମାସିକ ବୈଠକ ମୁମ୍ବାଇରେ ଆରମ୍ଭ ହୋଇଛି। ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଆସନ୍ତାକାଲି ମୁଦ୍ରାନୀତି ଘୋଷଣା କରିବେ। ସେହିଦିନ ସେ ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେବେ। ଗତ ଥରର ବୈଠକ ପରେ ମୁଦ୍ରାନୀତି କମିଟି ସୁଧହାର ଅପରିବର୍ତ୍ତିତ ରଖିଥିଲା। ସେହି ଅନୁସାରେ ବର୍ତ୍ତମାନ ରେପୋ ରେଟ୍ ଶତକଡ଼ା ୬ ଦଶମିକ ୫ ଭାଗ, ରିଭର୍ସ ରେପୋ ରେଟ୍ ଶତକଡ଼ା ୩ ଦଶମିକ ୩/୫ ଭାଗ ଏବଂ ବ୍ୟାଙ୍କ ରେଟ୍ ଶତକଡ଼ା ୬ ଦଶମିକ ୭/୫ ଭାଗ ରହିଛି। ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ GDP ଅଭିବୃଦ୍ଧି ହାରକୁ ରିଜର୍ଭ ବ୍ୟାଙ୍କ ଶତକଡ଼ା ୬ ଦଶମିକ ୫ ଭାଗ ରଖିଛି।

## ପି.ଏମ୍. - ଏସିଆନ୍ ଗେମ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଚୀନର ହାଙ୍ଗ୍‌ଝୌ'ଠାରେ ଚାଲିଥିବା ଏସିଆ କ୍ରୀଡ଼ା ପ୍ରତିଯୋଗିତାରେ ଭାରତୀୟ ପ୍ରତିଯୋଗୀମାନଙ୍କର ଉଲ୍ଲେଖନୀୟ ସଫଳତାରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦି ମହମ୍ମଦ ଅନସ୍ ୟାହିୟା, ଅମୋଜ

ଯାକବ୍, ମହମ୍ମଦ ଆଜମଲ୍ ଏବଂ ରାଜେଶ ରମେଶ ପୁରୁଷ ବିଭାଗ 4 ×400 ରିଲେ ବର୍ଗରେ ସ୍ୱର୍ଣ୍ଣପଦକ ହାସଲ କରିଥିବାରୁ ଅଭିନନ୍ଦନ ଜଣାଇଛନ୍ତି ।

ସେହିଭଳି ପ୍ରଧାନମନ୍ତ୍ରୀ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣପଦକ ହାସଲ କରିଥିବା ନୀରଜ ଚୋପ୍ରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଏହି ଉଲ୍ଲେଖନୀୟ ବିଜୟ ବର୍ଷ ବର୍ଷର ତାଲିମ୍ ଏବଂ ଉତ୍ସର୍ଗୀକୃତ ମନୋଭାବର ପ୍ରତିଫଳନ ବୋଲି ଶ୍ରୀ ମୋଦି ମତବ୍ୟକ୍ତ କରିଛନ୍ତି । ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ପୁରୁଷ ୫ ହଜାର ମିଟର ବର୍ଗରେ ରୌପ୍ୟ ପଦକ ପାଇଥିବା ଅବିନାଶ ଏବଂ ମହିଳା ୮୦୦ ମିଟର ବର୍ଗରେ ରୌପ୍ୟ ପଦକ ପାଇଥିବା  ହାର୍‌ମିଲନ୍ ବେନ୍ସଙ୍କୁ ମଧ୍ୟ ଅଭିନନ୍ଦନ ଜଣାଇଛନ୍ତି । ସେହିଭଳି ଶ୍ରୀ ମୋଦି ମହିଳା ମୁଷ୍ଟିଯୋଦ୍ଧା ୭୫ କିଲୋଗ୍ରାମ ବର୍ଗରେ ରୌପ୍ୟ ପଦକ ପାଇଥିବା ଲଭ୍‌ଲିନା ବୋର୍‌ଗୋହେଁଙ୍କୁ ତାଙ୍କର ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ତାଙ୍କର ଦକ୍ଷତା, କୌଶଳ ଲାଗି ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ପ୍ରଦର୍ଶନ କରି ଲଭ୍‌ଲିନା ଏହି ସଫଳତା ହାସଲ କରିଥିବାରୁ ଦେଶବାସୀ ଗର୍ବିତ ବୋଲି ପ୍ରଧାନମନ୍ତ୍ରୀ ମତବ୍ୟକ୍ତ କରିଛନ୍ତି ।

ଏଠାରେ ସୂଚନା ଦିଆଯାଇପାରେ, ଏସୀୟ କ୍ରୀଡ଼ା ପ୍ରତିଯୋଗତାରେ ଭାରତ ଏପର୍ଯ୍ୟନ୍ତ ୮୦ଟି ପଦକ ପାଇଛି । ସେଥିମଧ୍ୟରେ ୧୭ଟି ସ୍ୱର୍ଣ୍ଣ, ୩୧ଟି ରୌପ୍ୟ ଓ ୩୨ଟି ବ୍ରୋଞ୍ଜ୍ ପଦକ ରହିଛି । ଏସୀୟ କ୍ରୀଡ଼ାରେ ଏହା ହେଉଛି ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ ।

## ପାକ୍ ଏକ୍ସପ୍ଲୋଜନ୍

ପାକିସ୍ତାନର ବାଲୁଚିସ୍ତାନ ଅନ୍ତର୍ଗତ ଚାଘି ଅଞ୍ଚଳରେ ଗତକାଲି ଏକ ବୋମା ବିସ୍ଫୋରଣ ହେବା ଫଳରେ ଦୁଇ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି । ଏହାବ୍ୟତୀତ ଅନ୍ୟ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପାକିସ୍ତାନ-ଆଫଗାନିସ୍ତାନ ସୀମାବର୍ତ୍ତୀ ଅଞ୍ଚଳର ନିକଟବର୍ତ୍ତୀ ଦାଲ୍‌ବାନ୍ଦିନ୍‌ଠାରୁ ପ୍ରାୟ ୬୦ କିଲୋମିଟର ଦୂରରେ ଥିବା ଚାଘି ବଜାରରେ ସୁରକ୍ଷା କର୍ମୀଙ୍କର ଏକ ଗାଡ଼ି ଯାଉଥିବା ସମୟରେ ଏହି ବିସ୍ଫୋରଣ ହୋଇଥିଲା । ପରେ ସୁରକ୍ଷାକର୍ମୀ ସମ୍ପୃକ୍ତ ଅଞ୍ଚଳକୁ ଘେରାଉ କରିଛନ୍ତି । ଗୁରୁତର ଆହତଙ୍କୁ ଦାଲ୍‌ବାନ୍ଦିନ୍ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ବାଲୁଚିସ୍ତାନର ମାସ୍ତୁଙ୍ଗ୍ ଏବଂ ଖାଇବର୍ ପଖ୍‌ତୁଙ୍ଖ୍ୱାର ହାଙ୍ଗୁ ସହରରେ ପୃଥକ୍ ପୃଥକ୍ ଆତ୍ମଘାତୀ ଆକ୍ରମଣରେ ୬୦ ଜଣ ଲୋକଙ୍କର ମୃତ୍ୟୁ ହେବା ଘଟଣାର କିଛିଦିନ ପରେ ଏହି ବିସ୍ଫୋରଣ ହୋଇଛି ବୋଲି ପୁଲିସ୍ ସୂତ୍ରରୁ ପ୍ରକାଶ ।

## କ୍ରିକେଟ୍ ୱାର୍ଲଡ କପ୍

ଆଇ.ସି.ସି. ପୁରୁଷ ବିଶ୍ୱକପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୩ ଆଜିଠାରୁ ଭାରତରେ ଆରମ୍ଭ ହେଉଛି । ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମ୍‌ରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଅନୁଷ୍ଠିତ

ହେବ । ଆମ ସମ୍ବାଦଦାତା ଜଣାଇଛନ୍ତି, ଅହମ୍ମଦାବାଦରେ ଏହି ବିଶ୍ୱକପ୍‌ର ୫ଟି ମ୍ୟାଚ୍ ଖେଳାଯିବ । ସେଥିମଧ୍ୟରେ ଆସନ୍ତା ୧୪ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଭାରତ-ପାକିସ୍ତାନ ମ୍ୟାଚ୍ ସମେତ ଆସନ୍ତା ମାସ ୧୯ ତାରିଖରେ ଖେଳାଯିବାକୁ ଥିବା ବିଶ୍ୱକପ୍ ଫାଇନାଲ୍ ମ୍ୟାଚ୍ ମଧ୍ୟ ଅନ୍ତର୍ଭୁକ୍ତ । ଏଥିଲାଗି ନରେନ୍ଦ୍ର ମୋଦି ଷ୍ଟାଡିୟମ୍ ନିକଟରେ ପ୍ରାୟ ୩ ହଜାର ୫୦୦ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯାଇଛି । ଏଥିସହିତ ଦର୍ଶକମାନେ ଯେଭଳି ଶାନ୍ତିଶୃଙ୍ଖଳା ସହ ସମସ୍ତ ମ୍ୟାଚ୍ ଦେଖିପାରିବେ, ସେଥିଲାଗି ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି । ବିଶ୍ୱକପ୍ ଟୁର୍ଣ୍ଣମେଣ୍ଟ୍‌କୁ ଦୃଷ୍ଟିରେ ରଖି ଅହମ୍ମଦାବାଦ ମେଟ୍ରୋ ରେଳସେବାର ଅବଧିକୁ ମ୍ୟାଚ୍ ଅନୁଷ୍ଠିତ ହେବା ଦିନ ରାତିରେ ୩ ଘଣ୍ଟା ବୃଦ୍ଧି କରାଯାଇଛି । ଏଥିସହିତ ତ୍ୱରିତ ବମ୍ବ୍ ସ୍କ୍ୱାର୍ଡ଼, ତ୍ୱରିତ କାର୍ଯ୍ୟାନୁଷ୍ଠାନ ବାହିନୀକୁ ମଧ୍ୟ ସହରର ପ୍ରମୁଖ ସ୍ଥାନରେ ମୁତୟନ କରାଯାଇଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

*****